| ରୋଗ | ପ୍ରତିରୋଧୀ ବା ସହଣଶୀଳ କିସମ |
|---|---|
| ମହିଷା ରୋଗ | ହୀରା, ପାରିଜାତ, ସୁରେନ୍ଦ୍ର, ଗଜପତି, ମହାନଦୀ, ଉଦୟଗିରି ଇତ୍ୟାଦି |
| ପତ୍ରପୋଡା ରୋଗ | ଗାୟତ୍ରୀ, ସାମନ୍ତ, କୋଣାର୍କ, ଜଗନ୍ନାଥ, ପଥରା ଇତ୍ୟାଦି |
| ପତ୍ରଛାଦପୋଡା ରୋଗ | ଶ୍ରାବଣୀ, ଲଲାଟ, ମହାଲକ୍ଷ୍ମୀ, ଉର୍ବଶୀ ଇତ୍ୟାଦି |
| ପତ୍ରଚିତା ରୋଗ | ପାରିଜାତ, ଜଗନ୍ନାଥ, ଉଦୟଗିରି, ପ୍ରାଚୀ ଇତ୍ୟାଦି |

## ରାସାୟନୀକ ପ୍ରାଣାଳୀରେ ରୋଗ ନିୟନ୍ତ୍ରଣ

| ରୋଗର ନାମ | ସିଞ୍ଚନ ବିଷର ନାମ | ମାତ୍ରା (ପ୍ରତି ଲିଟର ପାଣିରେ) |
|---|---|---|
| ମହିଷା ରୋଗ | ଟ୍ରାଇସାଇକ୍ଲାଜୋଲ୍ / ଇପ୍ରୋବେନୋଫସ୍ / କାର୍ବାଣ୍ଡାଜିମ୍ - | ୧ ଗ୍ରାମ / ୧ ମି.ଲି / ୨ ଗ୍ରାମ |
| ପତ୍ରାଚ୍ଛାଦ ପୋଡାରୋଗ | ଭାଲିଡା ମାଇସିନ୍/ ହେକ୍ସାକୋନାଜୋଲ୍ | ୧.୫ ମି.ଲି / ୧.୫ ମି.ଲି |
| ବାଦାମୀ ପତ୍ରଚିତା ରୋଗ | ପ୍ରପିକୋନାଜୋଲ୍ / କାର୍ବାଣ୍ଡାଜିମ୍+ ମାନ୍‌କୋ ଜେବ୍ - | ୧.୫ ମି.ଲି / ୨ ଗ୍ରାମ |
| ବୀଜୀଣୁ ଜନିତ ପତ୍ରପୋଡା ରୋଗ | କପର୍ ଅକ୍‌ସିକ୍ଲୋରାଇଡ+ ଷ୍ଟ୍ରେପ୍‌ଟୋ ସାଇକ୍ଲିନ୍ - | ୨ ଗ୍ରାମ+୦.୧ ଗ୍ରାମ |
| ପତ୍ରାଚ୍ଛାଦ ସଢାରୋଗ | ପ୍ରପି କୋନା ଜୋଲ୍ - | ୧.୫ ମି.ଲି |
| ମୂଳସଢା ରୋଗ | ବେନୋମିଲ୍ / କାର୍ବାଣ୍ଡାଜିମ୍+ ମାନ୍‌କୋଜେବ୍- | ୨ ଗ୍ରାମ / ୨ ଗ୍ରାମ |
| ସାଆରା ଓ ଅଗରବତୀ ରୋଗ | କାର୍ବାଣ୍ଡାଜିମ୍ - | ୨ ଗ୍ରାମ (କେଣ୍ଡା ବାହାରିବା ପୂର୍ବରୁ) |
| ଟୁଙ୍ଗ୍ରୋଭୁତାଣୁ ଜନିତ ରୋଗ | ଏସିଫେଟ୍ - | ୨.୫ଗ୍ରାମ (ସବୁଜ ପତ୍ରଡିଆଁ କୀଟକୁ ନିୟନ୍ତ୍ରଣ କରିବା ପାଇଁ) |

## ରାସାୟନିକ ପ୍ରଣାଳୀରେ ସୂତ୍ର ଜୀବ ନିୟନ୍ତ୍ରଣ

| ବିଷ ଔଷଧ | ମୃ ିକାରେ ପ୍ରୟୋଗ | ସି ନ |
|---|---|---|
| କାର୍ବୋସଲଫାନ୍ କାରଟାପ୍‌ହାଇଡ୍ରୋ | - | ୨ ରୁ ୩ ମି.ଲି / ଲିଟର |
| କ୍ଲୋରାଇଡ୍ | ୧୭.୫କେଜି./ହେକ୍ଟର | ୧.୨୫ ଗ୍ରାମ / ଲିଟର |
| କାର୍ବୋଫୁରାନ୍ | ୩୦ କେଜି / ହେକ୍ଟର | - |
| ଫୋରେଟ୍ | ୧୦ କେଜି / ହେକ୍ଟର | - |

## ଦେଶୀୟ ପ୍ରଣାଳୀରେ ରୋଗ ନିୟନ୍ତ୍ରଣ :

* ଧାନର ମହିଷା ରୋଗର ନିରାକରଣ ପାଇଁ ୧ ଲିଟର ପାଣିରେ ୧୦ ରୁ ୧୫ ଗ୍ରାମ ତୁଳସୀ କିମ୍ବା ବେଲ ପତ୍ର ନଖ ଉଷୁମ ପାଣିରେ ୧୫ ରୁ ୨୦ ମିନିଟ୍ ସିଝାଇ ଛାଣି ଆଉ ୯ ଲିଟର ପାଣି ମିଶାଇ ସି ନ କରନ୍ତୁ ।

* ଧାନର ବୀଜାଣୁ ଜନିତ ପତ୍ର ପୋଡା ରୋଗର ନିରାକରଣ ପାଇଁ ଏକର ପ୍ରତି ୧୦ କେ.ଜି ସଦ୍ୟ ଗୋବର ପ୍ରୟୋଗ କରନ୍ତୁ ।

* ଗାଈ ଗୋବର - ୧ ଭାଗ
ଗୋ ମୁତ୍ର - ୧ ଭାଗ
ପାଉଁଶ - ୧ ଭାଗ
ହୁଙ୍କା ବା ପଟୁମାଟି - ୧ ଭାଗ
ନିମ୍ବ ବା କରଞ୍ଜବଟା - ୧.୪ ଭାଗ
ରସୁଣ କିମ୍ବା ହଳଦୀ - ୨ ଚାମଚ


ଏହି ଦ୍ରବଣ କୁ ପ୍ରୟୋଗ କଲେ ଧାନର ବିଭିନ୍ନ ପ୍ରକାରର ରୋଗ କମିଥାଏ ।




ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ
କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର, ବେଣାକୁନ୍ଦା
ପୋ: ଡିହପଡ଼ାଳ, ଭଞ୍ଜନଗର-୭୬୧୧୪୦

# ଧାନ ଫସଲରେ ଲାଗୁଥିବା ମୁଖ୍ୟ ରୋଗ ଓ ତାହାର ପରିଚାଳନା





ବିଷୟବସ୍ତୁ :
ଶ୍ରୀ ପ୍ରଶାନ୍ତ କୁମାର୍ ପଣ୍ଡା
ସଂପାଦନା :
ଡଃ. ସୁତନୁ କୁମାର୍ ଶତପଥୀ

କୃଷି ବିଜ୍ଞାନ କେନ୍ଦ୍ର
ଗଞ୍ଜାମ-୧, ଭଞ୍ଜନଗର, ବେଣାକୁନ୍ଦା, ପୋ: ଡିହପଡ଼ାଳ,
ଭଞ୍ଜନଗର, ପିନ୍ : ୭୬୧୧୪୦
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୩

ଧାନ ଫସଲକୁ ଆକ୍ରମଣ କରୁଥିବା ମୁଖ୍ୟ ରୋଗ ଗୁଡିକ ହେଲା-ମହିଷା ରୋଗ, ପତ୍ରଚିତା ରୋଗ, ବୀଜାଣୁ ଜନିତ ପତ୍ରପୋଡା ରୋଗ, ଆଚ୍ଛଦପୋଡା ରୋଗ, ପତ୍ରାଚ୍ଛାଦସଢାରୋଗ ଓ ଅନ୍ୟ ଗୌଣ ରୋଗ ଗୁଡିକ ହେଲା-ସାହାରା ରୋଗ, ଅଗରବତି ରୋଗ, ଟୁଙ୍ଗ୍ରୋ ଭୂତାଣୁ ଜନିତ ରୋଗ, ମୂଳ ସଢାରୋଗ, ସୂତ୍ରଜୀବ ଜନିତ ରୋଗ ଏବଂ ଏହାଯୋଗୁଁ ଅମଳ ୧୫ ରୁ ୨୦ ପ୍ରତିଶତ ହ୍ରାସ ପାଇଥାଏ ।

## ମହିଷା ରୋଗ :

ମହିଷା ରୋଗ ପତ୍ର, ଗଣ୍ଠି ଓ ଗଳାରେ ଦେଖାଯାଏ । ପତ୍ର ମହିଷାରେ ପତ୍ର ଉପରେ ବାଦାମୀ ରଙ୍ଗର ଆଖି ସଦୃଶ ଦାଗ ଦେଖାଯାଏ । ଦାଗର ଚାରିପାଖ ଧୂସର ଓ ମଝି ଅଂଶ ପାଉଁଶିଆ ହୋଇଥାଏ । ଅତ୍ୟଧିକ ଆକ୍ରାନ୍ତ ହେଲେ ସମ୍ପୂର୍ଣ୍ଣ ଫସଲ ପୋଡାଳିଆ ଦେଖାଯାଏ । ଗଣ୍ଠି ମହିଷାରେ ଗଣ୍ଠିଜାଗା କଳା ଦେଖାଯାଏ ଓ ଗଣ୍ଠିରୁ ଗଛ ଭାଙ୍ଗିଯାଏ ଗଳା ମହିଷାରେ କେଣ୍ଡାର ତଳ ଅଂଶ କଳା ପଡେ କେଣ୍ଡାଟି ଭାଙ୍ଗି ଯାଏ ।

## ପତ୍ରଚିତା ରୋଗ :

ଏହି ରୋଗରେ ଧାନପତ୍ର ଉପରେ ବାଦାମୀ ରଙ୍ଗର ଗୋଲାକାର ଦାଗମାନ ଦେଖାଯାଏ । ଦାଗର ମଧ୍ୟଭାଗ ଗାଢ ରଙ୍ଗ ଓ ଚାରିପାଖ ବାଦାମୀ ହୋଇଥାଏ । ପତ୍ର ଆଚ୍ଛାଦ ଓ ଧାନ ଉପରେ ମଧ୍ୟ ଗାଢ ବାଦାମୀ ରଙ୍ଗର ଦାଗ ଦେଖାଯାଏ ଓ ପରେ ଧାନ ଗୁଡିକ ହାଲୁକା ଓ ବିବର୍ଣ୍ଣ ହୋଇଥାଏ ।

## ବୀଜାଣୁ ଜନିତ ପତ୍ରପୋଡା ରୋଗ :

ଏହି ରୋଗରେ ପ୍ରଥମେ ପତ୍ରର ଅଗ୍ରଭାଗ ଓ ଧାରରେ ହଳଦିଆ କିମ୍ବା ବାଦାମୀ ରଙ୍ଗର ଦାଗ ଦେଖାଯାଏ ଓ ପରେ ଏହା ପତ୍ରର ତଳ ଆଡକୁ ମାଡିଥାଏ । କେଣ୍ଡା ଅବସ୍ଥାରେ ଆକ୍ରାନ୍ତ ହେଲେ କେଣ୍ଡା ଶୁଖି ଅଗାଡି ହୋଇଯାଏ । ତଳି କିଆରୀରେ ଆକ୍ରାନ୍ତ ହେଲେ ପତ୍ର ଶୁଖି ଝାଉଁଳି ଯାଏ । ଏହି ଅବସ୍ଥାକୁ କ୍ରେସେକ୍ କୁହାଯାଏ ।

## ଆଚ୍ଛଦପୋଡା ରୋଗ :

ଏହି ରୋଗରେ ତଳପତ୍ରର ଆଚ୍ଛଦଉପରେ ଧୂସର ବର୍ଣ୍ଣର ଲମ୍ବାଳିଆ ଅଣ୍ଡାକାର ପାଣିପଚା ଦାଗ ଦେଖାଯାଏ । ଏହି ଦାଗର କେନ୍ଦ୍ରାଂଶ ଧୂସର ଓ ଚାରିପାଖ ଗାଢବାଦାମୀ ଦେଖାଯାଏ । ଆକ୍ରାନ୍ତ ସ୍ଥାନରେ ସୋରିଷ ମଞ୍ଜି ପରି କବକ କୃଷ୍ଣ ପିଣ୍ଡ ଦେଖାଯାଏ ଓ ଧାନ ଅଗାଡି ହୋଇଯାଏ ।

## ସାହାରା ରୋଗ :

କେଣ୍ଡାର ଦାନା ପାଚିବା ବେଳକୁ ଏହି ରୋଗ ଦେଖାଯାଏ । ଆକ୍ରାନ୍ତ କେଣ୍ଡାର କେତେକ ଧାନର ଚୋପା ଫୁଲିଯାଇ ସେଥିରେ ନୀଳ ବା କଳା ରଙ୍ଗର କବକ ପିଣ୍ଡୁଳା ଥାଏ ।

## ଅଗରବତି ରୋଗ :

ଏହି କବକ ଜନିତ ରୋଗ ଧାନ ଥୋଡ ହେବା ବେଳକୁ ଦେଖାଯାଏ ଓ ଆକ୍ରାନ୍ତ କେଣ୍ଡାଟି ପତ୍ର ଆଚ୍ଛଦମଧ୍ୟରେ ଥିବାବେଳେ ଦାନା ଗୁଡିକ କବକରୁ ନିର୍ଗତ ଅଠାଳିଆ ପଦାର୍ଥ ଦ୍ୱାରା ଧାନନାଡ ସହିତ ଯୋଡି ହୋଇ ଧୂସର ବର୍ଣ୍ଣର ଧୂପକାଠି ପରି ଦେଖାଯାଏ ଓ ରୋଗାକ୍ରାନ୍ତ କେଣ୍ଡାରେ ଆଦୌ ଧାନ ହୁଏନାହିଁ ।

## ଟୁଙ୍ଗ୍ରୋ ଭୂତାଣୁ ରୋଗ :

ଆକ୍ରାନ୍ତ ଧାନ ଗଛ ବାଙ୍ଗରା ହୋଇ କମ୍ ପିଲ ଦିଏ । ତଳ ପତ୍ରଗୁଡିକ ହଳଦୀ ମିଶା ନାରଙ୍ଗୀ ହେବା ସହ ମୋଡି ହୋଇ ତଳକୁ ଝୁଲିପଡେ । ଆକ୍ରାନ୍ତ ଗଛର କେଣ୍ଡା ଛୋଟ, ଫମ୍ପା ହୋଇଯାଏ । ସବୁଜ ପତ୍ର ଡିଆଁ କୀଟ ଦ୍ୱାରା ଏହି ରୋଗ ବ୍ୟାପିଥାଏ ।

## ମୂଳ ସଢାରୋଗ :

ଏହା କବକ ଜନିତ ରୋଗ ଏବଂ ମୁଖ୍ୟତଃ ତଳି ଘରାରେ ଆକ୍ରାନ୍ତ ଯୋଗୁଁ ହଳଦିଆ ପଡି ମରିଯାଏ । ରୋଇବା ପରେ ଏହି ରୋଗରେ ଆକ୍ରାନ୍ତ ଗଛ ସରୁ ଓ ଡେଙ୍ଗା ହୋଇ ହଳଦିଆ ପଡିଯାଏ । ଆକ୍ରାନ୍ତ ଗଛର ମୂଳ ସଢିଯାଏ ଏବଂ ଚେର ଗୁଡିକ କଳା ଦେଖାଯାଏ ।

## ପତ୍ରାଚ୍ଛାଦସଢାରୋଗ :

କବକ ଜନିତ ରୋଗ ଏବଂ ଆକ୍ରାନ୍ତ ଥୋଡ ପତ୍ରରେ ଅନିୟମିତ ଧୂସରମିଶା ବାଦାମୀ ଦାଗ ଦେଖାଯାଏ କେଣ୍ଡା ଭଲଭାବରେ ବାହାରେ ନାହିଁ ଏବଂ ସଢିଯାଏ । ଧଳା କବକଗୁଣ୍ଡ ପତ୍ରଛାଦମଧ୍ୟରେ ଭର୍ତ୍ତି ହୋଇ ରହିଥାଏ ।

## ସୂତ୍ରଜୀବ ଜନିତ ରୋଗ :

### ଧଵଳପତ୍ର ଶୁଖା ରୋଗ

ସୂତ୍ରଜୀବ ପତ୍ର ଓ ପତ୍ରାଚ୍ଛାଦକନ୍ଦା ମଧ୍ୟରେ ରହି ଗଛର କ୍ଷତି କରେ । ରୋଗାକ୍ରାନ୍ତ ପତ୍ରର ଅଗ ଆଡୁ ଧଳା କିମ୍ବା ବାଦାମୀ ରଙ୍ଗର ସୂତାଖିଅ ଚିହ୍ନ ଦେଖାଯାଏ । ଆକ୍ରାନ୍ତ ଗଛରୁ କେଣ୍ଡା ବାହାରେ ନାହିଁ ଓ ଧାନ ଅଗାଡି ହୋଇଥାଏ

### କେଣ୍ଡା ମୋଡାରୋଗ :

ସୂତ୍ରଜୀବ କଅଁଳିଆ ଫିଟି ନଥିବା କେଣ୍ଡାକୁ ଖାଇବା ଫଳରେ କଅଁଳିଆ ପତ୍ରରେ କ୍ଷୁଦ୍ର ଧଳାଦାଗ ଦେଖାଯାଏ ଓ ପରେ ପତ୍ର ଓ କେଣ୍ଡା ଲୋଚାକୁଚା ହୋଇଯାଏ । ଧାନ ଅଗାଡି ହୋଇଯାଏ ।

### ଚେର ଗଣ୍ଠିରୋଗ :

ସୂତ୍ରଜୀବ ଚେରକୁ ଆକ୍ରମଣ କରିବା ପରେ ପତ୍ରଗୁଡିକ ନାରଙ୍ଗୀ ହଳଦିଆ ପଡିଯାଏ ଓ ଚେରରେ ଛୋଟ ଛୋଟ ଗଣ୍ଠି ଦେଖାଯାଏ । ଗଛ ରୁଗୁଡିଆ ଦିଶେ ଓ କେଣ୍ଡାରେ ଦାନା କମ୍ ହୁଏ ।

## ସମନ୍ୱିତ ପ୍ରଣାଳୀରେ ରୋଗ ନିୟନ୍ତ୍ରଣ :

### ଚାଷ ପଦ୍ଧତି :

*ଗଭୀର ଖରାଟିଆ ଚାଷ କରିବା ଦ୍ୱାରା ମାଟିରେ ଥିବା କବକ ରେଣୁଗୁଡିକ ନଷ୍ଟ ହୋଇଯାଏ ।

*କବକ ନାଶକ-କାର୍ବାଣ୍ଡାଜିମ୍ -୧.୫ଗ୍ରାମ୍ କିମ୍ବା ଟ୍ରାଇସାଇକ୍ଲାଜୋଲ୍ -୧ ଗ୍ରାମ୍ /କେଜି ବିହନ ପିଛା ଗୋଳାଇ ବିଶୋଧନ କରି ଲଗାନ୍ତୁ ।

*ଉପଯୁକ୍ତ ଜଳ ଓ ସାର ପରିଚାଳନା କଲେ ରୋଗର ପ୍ରାଦୁର୍ଭାବ କମିଥାଏ ।

*ସଠିକ୍ ଫସଲ ପର୍ଯ୍ୟାୟ ଅବଲମ୍ବନ କଲେ ରୋଗର ଜୀବନ ଚକ୍ର ବ୍ୟାହତ ହୁଏ ।

*ସୁସ୍ଥ ପ୍ରତିରୋଧୀ / ସହଣୀଶକ୍ତି ଥିବା ବିହନ ବ୍ୟବହାର କରିବା ଦ୍ୱାରା ରୋଗର ପ୍ରାଦୁର୍ଭାବ କମିଥାଏ ।